# NATIONAL NEWS BULLETIN (ODIA)
## 20th February - 2026
## Evening Bulletin : 7.15 p.m.

**********************************

ଆକାଶବାଣୀ..... ସମ୍ବାଦ ପଢ଼ୁଛନ୍ତି..... **ସତ୍ୟରଞ୍ଜନ ମହାପାତ୍ର**

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଭାରତ କୃତ୍ରିମ ବୁଦ୍ଧିମତ୍ତା ପ୍ରଭାବ ସମ୍ମିଳନୀ-୨୦୨୬ ଅବସରରେ ବିଭିନ୍ନ ଦେଶର ପ୍ରମୁଖ ନେତାଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କଲେ ପ୍ରଧାନମନ୍ତ୍ରୀ ।

- ଆସାମର ନତନପୁରରେ ଭ୍ରାଇବ୍ରାଣ୍ଟ ଭିଲେଜ୍ ପ୍ରୋଗ୍ରାମ୍-୨ର ଶୁଭାରମ୍ଭ କଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।

- ଏ.ଆଇ. ପ୍ରଭାବ ସମ୍ମିଳନୀ ସମୟରେ କଂଗ୍ରେସର ପ୍ରତିବାଦକୁ ବି.ଜେ.ପି.ର ସମାଲୋଚନା ।

- ଓଡ଼ିଶା ବିଧାନସଭାରେ ୨୦୨୬-୨୭ ଆର୍ଥିକ ବର୍ଷପାଇଁ ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ବଜେଟ୍ ଉପସ୍ଥାପିତ ।

- ନାଇଜେରିଆର ଉତ୍ତର-ପଶ୍ଚିମ ଭାଗରେ ଆତଙ୍କବାଦୀ ଆକ୍ରମଣରେ ୩୩ ଜଣଙ୍କ ମୃତ୍ୟୁ ।

ଏବଂ

- ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍‌ର ଗ୍ରୁପ୍ ପର୍ଯ୍ୟାୟର ଶେଷ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଓ ଓମାନ ମଧ୍ୟରେ ଖେଳ ଜାରି ।

# ପି.ଏମ୍. - ବାଇଲାଟେରାଲ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ନୂଆଦିଲ୍ଲୀରେ ଭାରତ କୃତ୍ରିମ ବୁଦ୍ଧିମତା ପ୍ରଭାବ ସମ୍ମିଳନୀ-୨୦୨୬ ଅବସରରେ ଲିଚେନ୍‌ଷ୍ଟାଇନ୍‌ର ରାଜକୁମାର ପ୍ରିନ୍ସ ଆଲୋଇସ୍‌ଙ୍କ ସହ ଏକ ଦ୍ୱିପାକ୍ଷିକ ବୈଠକ କରିଛନ୍ତି । ବୈଦେଶିକ ମନ୍ତ୍ରଣାଳୟ କହିଛି, ବୈଠକ ସମୟରେ ଉଭୟ ନେତା ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗର ସମୀକ୍ଷା କରିଛନ୍ତି । ସେମାନେ ଭାରତ-ଇ.ଏଫ୍.ଟି.ଏ. ବାଣିଜ୍ୟ ଏବଂ ଅର୍ଥନୈତିକ ସହଭାଗିତା ଚୁକ୍ତିନାମା-ଟେପା ଉପରେ ବାଣିଜ୍ୟ, ନିବେଶ ଓ ଉଦୀୟମାନ ପ୍ରଯୁକ୍ତିବିଦ୍ୟା ସମେତ ଏ.ଆଇ., ନବସୃଜନ ଏବଂ ଦକ୍ଷତା ବିକାଶ ନିର୍ମାଣ କ୍ଷେତ୍ରରେ ଭାରତ ଏବଂ ଲିଚେନ୍‌ଷ୍ଟାଇନ୍ ମଧ୍ୟରେ ଗଭୀର ସହଯୋଗକୁ ପ୍ରୋତ୍ସାହିତ କରିବାକୁ ସହମତ

ହୋଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ସେମାନେ ଉଭୟ ରାଷ୍ଟ୍ର ମଧ୍ୟରେ ଆର୍ଥିକ ସମ୍ପର୍କର ଦୃଢ଼ ସମ୍ଭାବନା, ବିଶେଷକରି ଭାରତ-ଇ.ଏଫ୍.ଟି.ଏ. ପରେ ଏବଂ ନବସୃଜନ, ପ୍ରଯୁକ୍ତିବିଦ୍ୟା, ଦକ୍ଷତା ଓ ଅନ୍ୟାନ୍ୟ କ୍ଷେତ୍ରରେ ସହଯୋଗ ନେଇ ଆଲୋଚନା କରିଛନ୍ତି ।

ଏ.ଆଇ. ଶିଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ସ୍ଲୋଭାକିଆ ଗଣରାଜ୍ୟର ରାଷ୍ଟ୍ରପତି ପିଟର ପେଲେଗ୍ରିନିଙ୍କ ସହ ମଧ୍ୟ ଦ୍ୱିପାକ୍ଷିକ ବୈଠକ କରିଛନ୍ତି । ଉଭୟ ନେତା ଦ୍ୱିପାକ୍ଷିକ ସମ୍ପର୍କର ସମସ୍ତ କ୍ଷେତ୍ର ସମୀକ୍ଷା କରିଛନ୍ତି ଏବଂ ବାଣିଜ୍ୟ ଓ ନିବେଶ, ଡିଜିଟାଲ୍ ପ୍ରଯୁକ୍ତିବିଦ୍ୟା, ପ୍ରତିରକ୍ଷା, ମହାକାଶ, ଶକ୍ତି, ସଂସ୍କୃତି ଏବଂ ଲୋକସମ୍ପର୍କ ଆଦି କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବାର ଉପାୟ ଉପରେ ଆଲୋଚନା କରିଛନ୍ତି । ସେମାନେ ଐତିହାସିକ ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ରାଜିନାମା ଏବଂ ଭାରତ-ୟୁରୋପୀୟ ସଂଘ ମିଳିତ ବ୍ୟାପକ ରଣନୈତିକ କାର୍ଯ୍ୟସୂଚୀ-୨୦୩୦ ଗ୍ରହଣଦ୍ୱାରା ସୃଷ୍ଟ ସମ୍ପର୍କରେ ନୂତନ ଗତିକୁ ସ୍ୱାଗତ କରିଛନ୍ତି । ବିଶେଷକରି ଡିଜିଟାଲ୍ କ୍ଷେତ୍ରରେ ପାରସ୍ପରିକ ଲାଭପାଇଁ ଭାରତ-ସ୍ଲୋଭାକିଆ ଗଣରାଜ୍ୟ ସହମତ ହୋଇଛନ୍ତି ।

ପ୍ରଧାନମନ୍ତ୍ରୀ ମୋଦି ଶିଖର ସମ୍ମିଳନୀ ଅବସରରେ ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାରା ଦିସାନାୟକେଙ୍କ ସହ ଏକ ଦ୍ୱିପାକ୍ଷିକ ବୈଠକ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦି କହିଛନ୍ତି, ସେମାନେ ଶକ୍ତି, ସଂଯୋଗୀକରଣ, ଭିତ୍ତିଭୂମି, ସ୍ୱାସ୍ଥ୍ୟସେବା, ଦକ୍ଷତା, ସଂସ୍କୃତି, ନୀଳ ଅର୍ଥନୀତି

ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ସହଯୋଗର ମାର୍ଗ ଉପରେ ଆଲୋଚନା କରିଛନ୍ତି ।

ଶିଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ମୋଦି ମରିସସ୍ ପ୍ରଧାନମନ୍ତ୍ରୀ ନବୀନଚନ୍ଦ୍ର ରାମଗୁଲାମ୍‌ଙ୍କ ସହ ଏକ ଦ୍ୱିପାକ୍ଷିକ ବୈଠକରେ ମିଳିତ ହୋଇ ଉଭୟ ଦେଶର ଉନ୍ନତ ରଣନୈତିକ ସହଭାଗିତାକୁ ସଶକ୍ତ କରିବା, ଉଭୟ ଦେଶର ପ୍ରଗତି ଏବଂ ସମୃଦ୍ଧିପାଇଁ ଉଦୀୟମାନ ପ୍ରଯୁକ୍ତିବିଦ୍ୟାର ଉପଯୋଗ ନେଇ ଘନିଷ୍ଠ ଭାବେ କାର୍ଯ୍ୟ କରିବାକୁ ସେମାନଙ୍କର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି । ପ୍ରଧାନମନ୍ତ୍ରୀ 'ଭିଜନ ମହାସାଗର' ଏବଂ 'ପଡ଼ୋଶୀ ପ୍ରଥମେ' ନୀତି ଅନ୍ତର୍ଗତ ମରିସସ୍‌ର ବିକାଶ ପ୍ରାଥମିକତା ପ୍ରତି ଭାରତର ସ୍ଥିର ପ୍ରତିଶ୍ରୁତିବଦ୍ଧତାକୁ ଦୋହରାଇଥିଲେ ।

ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ଏବଂ ପ୍ରଧାନମନ୍ତ୍ରୀ ମୋଦିଙ୍କ ସାକ୍ଷାତ୍ ଆଲୋଚନା ସମୟରେ' ସେମାନେ ଜାତିସଂଘର ସଂସ୍କାର ଉପରେ ଦୃଷ୍ଟିକୋଣ ଆଦାନ ପ୍ରଦାନ କରିଥିଲେ । ବିଶେଷକରି ଗ୍ଲୋବାଲ୍ ସାଉଥ୍‌କୁ ଅଧିକ ଗୁରୁତ୍ୱାରୋପ କରିଥିଲେ । ଉଭୟ ନେତା ଏ.ଆଇ.କୁ ସର୍ବସମାବେଶୀ କରିବା ଏବଂ ଏହି କ୍ଷେତ୍ରରେ ଜାତିସଂଘ କିପରି ଗଠନମୂଳକ ଭୂମିକା ଗ୍ରହଣ କରିପାରିବ, ସେ ବିଷୟରେ ମଧ୍ୟ ଆଲୋଚନା କରିଥିଲେ । ଏକ ଉତ୍ତମ ବିଶ୍ୱପାଇଁ ଏ.ଆଇ.କୁ ଉପଯୋଗ କରିବା ନିମନ୍ତେ ଲକ୍ଷ୍ୟ ରଖିଥିବା ଯେକୌଣସି ପ୍ରୟାସ ପ୍ରତି ଭାରତର ସମର୍ଥନକୁ ଶ୍ରୀ ମୋଦି ଦୋହରାଇଥିଲେ ।

## ଏମ୍.ଇ.ଏ. ପ୍ୟାକ୍ସ ସିଲିକା

ନୂଆଦିଲ୍ଲୀରେ ଅନୁଷ୍ଠିତ କୃତ୍ରିମ ବୁଦ୍ଧିମତ୍ତା ପ୍ରଭାବ ସମ୍ମିଳନୀ ଅବସରରେ 'ପ୍ୟାକ୍ସ ସିଲିକା ଘୋଷଣାନାମା ଏବଂ ଏ.ଆଇ. ସୁଯୋଗ ସହଭାଗିତା' ଉପରେ ଭାରତ-ଆମେରିକା ମିଳିତ ବିବୃତ୍ତି ସ୍ୱାକ୍ଷରକୁ ଉଭୟ ଦେଶର ସମ୍ପର୍କରେ ଆଉ ଏକ ମାଇଲଖୁଣ୍ଟ ବୋଲି ବୈଦେଶିକ ମନ୍ତ୍ରଣାଳୟ କହିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ମନ୍ତ୍ରଣାଳୟ କହିଛି, ଏହା ସ୍ଥିର ଯୋଗାଣଶୃଙ୍ଖଳ, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ, ଟ୍ରଷ୍ଟେଡ୍ କମ୍ପ୍ୟୁଟ୍ ଏବଂ ପରବର୍ତ୍ତୀ ପିଢ଼ିର ନବସୃଜନ ପ୍ରତି ସମାନ ପ୍ରତିବଦ୍ଧତାକୁ ପୁନଃ ପରିଭାଷିତ କରେ । ଇଲେକ୍ଟ୍ରୋନିକ ଏବଂ ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ହ୍ୱାଇଟ୍ ହାଉସ୍ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ନୀତି କାର୍ଯ୍ୟାଳୟ ନିର୍ଦ୍ଦେଶକ ମାଇକେଲ୍ କ୍ରାଟ୍‌ସିଓସ୍ ପ୍ୟାକ୍ସ ସିଲିକା ଘୋଷଣାନାମା ସ୍ୱାକ୍ଷରିତ ସମୟରେ ଉପସ୍ଥିତ ଥିଲେ ।

## ଅମିତ୍ ଶାହା - ଆସାମ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ଆସାମର କାଚାର ଜିଲ୍ଲାର ଭାରତ-ବାଂଲାଦେଶ ସୀମାନ୍ତ ଅଞ୍ଚଳର ନତନପୁରରେ ଭାଇବ୍ରାଣ୍ଟ ଭିଲେଜ୍ ପ୍ରୋଗ୍ରାମ-

୨ର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଶ୍ରୀ ଶାହା କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୀମାନ୍ତ ଅଞ୍ଚଳର ବିକାଶପାଇଁ ଅନେକ ପଦକ୍ଷେପ ନେଇଛନ୍ତି । ସେ କହିଛନ୍ତି, ଦେଶର ୧୭ଟି ରାଜ୍ୟର ୩୩୪ଟି ବ୍ଲକ୍, ପ୍ରାୟ ୧ ହଜାର ୯୫୪ଟି ଗ୍ରାମରେ ଏବଂ ଆସାମର ୧୪୦ଟି ସୀମାନ୍ତ ଗ୍ରାମରେ ଏପରି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଭାରତ-ପାକିସ୍ତାନ ସୀମାରେ ଥିବା ୩୩୪ଟି ବ୍ଲକ୍ ଏବଂ ପ୍ରାୟ ୨ ହଜାର ଗ୍ରାମରେ ମଧ୍ୟ ବିକାଶ କାର୍ଯ୍ୟ ଆରମ୍ଭ ହୋଇଛି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି । ବେଆଇନ ଜବରଦଖଲକୁ ଆସାମରେ ସବୁଠାରୁ ବଡ଼ ସମସ୍ୟା ବୋଲି ଅଭିହିତ କରି ମନ୍ତ୍ରୀ କହିଛନ୍ତି, ତାଙ୍କର ସରକାର ଗତ ୧୦ ବର୍ଷ ମଧ୍ୟରେ ଜବରଦଖଲ ରୋକିବାପାଇଁ ଅନେକ ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରିଛନ୍ତି । ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ନେତୃତ୍ୱରେ ଆସାମରେ ଅବୈଧ ଜମି ଜବରଦଖଲ ଉଚ୍ଛେଦ କରିବାପାଇଁ ଏକ ଅଭିଯାନ ଚାଲିଛି ଏବଂ ଅନୁପ୍ରବେଶକାରୀଙ୍କୁ ପର୍ଯ୍ୟାୟକ୍ରମେ ଚିହ୍ନଟ କରି ବିତାଡିତ କରାଯିବ । ବି.ଜେ.ପି. ସରକାର ଆଗାମୀ ୫ ବର୍ଷ ମଧ୍ୟରେ ଆସାମକୁ ବନ୍ୟାମୁକ୍ତ ରାଜ୍ୟ କରିବାକୁ ପ୍ରତିବଦ୍ଧ । କେନ୍ଦ୍ର ସରକାର ଗତ ୧୦ ବର୍ଷ ମଧ୍ୟରେ ଆସାମର ବିକାଶପାଇଁ ପ୍ରାୟ ୧୫ ଲକ୍ଷ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି ଏବଂ ଏକ ଉନ୍ନତ ଆସାମ ଗଠନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଂଶ ହେଉଛି ଭାଇବ୍ରାଣ୍ଟ ଭିଲେଜ୍ କାର୍ଯ୍ୟକ୍ରମ ।

## ବି.ଜେ.ପି. - ଏ.ଆଇ. ସମ୍ମିଟ୍

ନୂଆଦିଲ୍ଲୀରେ ଏ.ଆଇ. ପ୍ରଭାବ ସମ୍ମିଳନୀ-୨୦୨୬ ସମୟରେ କଂଗ୍ରେସର ପ୍ରତିବାଦକୁ ବି.ଜେ.ପି. ପକ୍ଷରୁ କଡ଼ା ସମାଲୋଚନା କରାଯାଇଛି । ଗଣମାଧ୍ୟମକୁ ସୂଚନା ଦେଇ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, କଂଗ୍ରେସ ପ୍ରତ୍ୟେକ ପଦକ୍ଷେପରେ ପ୍ରତିବନ୍ଧକ ସୃଷ୍ଟି କରିବାକୁ ଚାହୁଁଛି । ଦେଶର ପ୍ରଯୁକ୍ତିବିଦ୍ୟା ମହତ୍ତ୍ୱକୁ ଆଗକୁ ବଢ଼ାଇବାରେ ସହଯୋଗ କରିବାକୁ ଶ୍ରୀ ବୈଷ୍ଣବ ସମସ୍ତ ଅଂଶୀଦାରଙ୍କୁ ଆହ୍ୱାନ କରିଛନ୍ତି ।

ଦଳର ରାଷ୍ଟ୍ରୀୟ ମୁଖପାତ୍ର ଡକ୍ଟର ସମ୍ବିତ୍ ପାତ୍ର ଅଭିଯୋଗ କରି କହିଛନ୍ତି, କଂଗ୍ରେସର ଏପରି କାର୍ଯ୍ୟ ଦେଶର ପ୍ରତିଛବିକୁ ଖରାପ କରୁଛି । ଶ୍ରୀ ପାତ୍ର କହିଛନ୍ତି, ଭାରତ ଏହି ଏ.ଆଇ. ଶିଖର ସମ୍ମିଳନୀ ଆୟୋଜନ କରୁଛି । ବି.ଜେ.ପି. କିମ୍ବା କୌଣସି ଦଳ ଏହାକୁ ଆୟୋଜନ କରୁ ନାହିଁ । ଏହା ଜାଣିବାପାଇଁ କଂଗ୍ରେସର ଅନ୍ତର୍ଦୃଷ୍ଟିର ଅଭାବ ରହିଛି ବୋଲି ଶ୍ରୀ ପାତ୍ର କହିଛନ୍ତି ।

## ଧର୍ମେନ୍ଦ୍ର - ଏସ୍.ଆର୍.ସି.ସି.

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଶ୍ରୀରାମ କଲେଜ ଅଫ୍ କମର୍ସ - ଏସ୍.ଆର୍.ସି.ସି. ଜାତୀୟ ଶିକ୍ଷାନୀତି - ଏନ୍.ଇ.ପି. ମାଧ୍ୟମରେ

ଭାରତର ନୂତନ ପିଢ଼ିକୁ ସଂଯୋଗ କରୁଛି, ଯାହା ଏକ ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରୁଛି । ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଯୁଗାନ୍ତର-୨୬ ନାମକ ଏସ୍.ଆର୍.ସି.ସି. ବାର୍ଷିକ ପରିଚାଳନା ସମ୍ମିଳନୀରେ ଯୋଗଦେଇ ଶ୍ରୀ ପ୍ରଧାନ ଏହା କହିଛନ୍ତି । ନୂଆଦିଲ୍ଲୀରେ ଚାଲିଥିବା ଏ.ଆଇ. ପ୍ରଭାବ ସମ୍ମିଳନୀ-୨୦୨୬ ଉପରେ ଆଲୋକପାତ କରି ଶ୍ରୀ ପ୍ରଧାନ କହିଛନ୍ତି, ଏହା ଭାରତର ଅତୁଳନୀୟ ନବସୃଜନଶୀଳ କ୍ଷମତାକୁ ପ୍ରଦର୍ଶିତ କରିଛି । ଏହି ସମ୍ଭାବନାକୁ ନୂତନ ଶିଖରରେ ପହଞ୍ଚାବାପାଇଁ ଜାତୀୟ ଶିକ୍ଷାନୀତି-୨୦୨୦କୁ ଆନ୍ତରିକତା ସହ କାର୍ଯ୍ୟକାରୀ କରାଯିବାର ଆବଶ୍ୟକତା ଉପରେ ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଥିଲେ ।

## ଓଡ଼ିଶା ବଜେଟ୍

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବିଧାନସଭାରେ ତୃତୀୟ ଥର ପାଇଁ ବଜେଟ୍ ଉପସ୍ଥାପନ କରିଛନ୍ତି। ୨୦୨୬-୨୭ ଆର୍ଥିକବର୍ଷ ପାଇଁ ୩ ଲକ୍ଷ ୧୦ ହଜାର କୋଟିର ବଜେଟ୍ ଉପସ୍ଥାପନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରଗତିଶୀଳ ନେତୃତ୍ୱରେ ଭାରତ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତି ଭାବେ ଉଭା ହୋଇଛି। ଅନ୍ନଦାତାଙ୍କ ପରିଶ୍ରମ ପାଇଁ ଶସ୍ୟଭଣ୍ଡାର ପରିପୂର୍ଣ୍ଣ ହେବା ସହିତ ଗ୍ରାମୀଣ ସମୃଦ୍ଧି ସୁଦୃଢ଼ ହୋଇପାରିଛି।

ମହାପ୍ରଭୁ ଜଗନ୍ନାଥଙ୍କ ପବିତ୍ରସ୍ଥଳିର ସଂରକ୍ଷଣ ଓ ସମ୍ବର୍ଦ୍ଧନ ପାଇଁ ପୁରୀରେ ପ୍ରାୟ ଏକ ହଜାର କୋଟି ଟଙ୍କା ବ୍ୟୟରେ ଏକ ବିଶ୍ୱସ୍ତରୀୟ ଶ୍ରୀଜଗନ୍ନାଥ ସଂଗ୍ରହାଳୟ ଏବଂ ଲାଇବ୍ରେରୀ କେନ୍ଦ୍ର ପ୍ରତିଷ୍ଠା କରାଯିବ। ଏହାସହ 'ସମର୍ପଣ' ନାମରେ ଏକ ସୁରକ୍ଷିତ ଅନ୍‌ଲାଇନ୍ ଦାନ ପ୍ଲାଟଫର୍ମ ଡିଜିଟାଲ ହୁଣ୍ଡି ପ୍ରଚଳନ ନେଇ ମୁଖ୍ୟମନ୍ତ୍ରୀ ଗୃହରେ କହିଛନ୍ତି।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାରର ସମସ୍ତ ଅଳଙ୍କାର ଗଣତି-ମଣତି ପାଇଁ ବଜେଟ୍‌ରେ ୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଓଡ଼ିଶା ଆର୍ଥିକ ଦୂରଦୃଷ୍ଟି ଏବଂ ସୁଶାସନର ଏକ ମଡେଲ୍ ଭାବରେ ପରିଗଣିତ ହୋଇପାରିଛି।

ଯୁବବର୍ଗ, ଅନ୍ନଦାତା ଏବଂ ନାରୀଶକ୍ତି ପାଇଁ ବିଭିନ୍ନ ଜନାଭିମୁଖୀ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି।

## ଗୋୟଲ - ଏକ୍ସପୋର୍ଟ ପ୍ରମୋସନ

ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୁଷ ଗୋୟଲ୍ କହିଛନ୍ତି, ଭାରତ ସଠିକ୍ ପଥରେ ଅଛି ଏବଂ ଆଗାମୀ ୨୫ ବର୍ଷ ମଧ୍ୟରେ ଦେଶର ଦ୍ରୁତତମ ଅଭିବୃଦ୍ଧିଶୀଳ ଅର୍ଥନୀତି ଭାବେ ସ୍ଥିତିକୁ ବଜାୟ ରଖିବାରେ ରପ୍ତାନୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ନୂଆଦିଲ୍ଲୀରେ ଏମ୍.ଏସ୍.ଏମ୍.ଇ.

ରପ୍ତାନୀକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ରପ୍ତାନୀ ପ୍ରୋତ୍ସାହନ ଅଭିଯାନ ଅଧୀନରେ ୭ଟି ଅତିରିକ୍ତ ପଦକ୍ଷେପ ଆରମ୍ଭ କରିବା ଅବସରରେ ଶ୍ରୀ ଗୋୟଲ୍ ଏହା କହିଛନ୍ତି । ବିଶ୍ୱ ସାମାଜିକ ନ୍ୟାୟ ଦିବସ ଅବସରରେ ମନ୍ତ୍ରୀ କହିଛନ୍ତି, ସାମାଜିକ ନ୍ୟାୟ ହାସଲ ପାଇଁ ଅନ୍ତର୍ଭୁକ୍ତ ଅଭିବୃଦ୍ଧିକୁ ଚାବିକାଠି ବୋଲି କହିବା ସହ ସମାଜର ନିମ୍ନବର୍ଗର ଲୋକଙ୍କୁ ସଶକ୍ତ କରିବାର ଆବଶ୍ୟକତା ରହିଛି । ସେ କହିଛନ୍ତି, ଭାରତର ଦ୍ରୁତ ପରିବର୍ତ୍ତନ ସାରା ଦେଶରେ ଏମ୍.ଏସ୍.ଏମ୍.ଇ., ଷ୍ଟାର୍ଟଅପ୍ ଏବଂ ଉଦ୍ୟୋଗୀମାନଙ୍କ ପାଇଁ ସୁନିଶ୍ଚିତ କରିବା ଉଚିତ ।

ଉଦୀୟମାନ ପ୍ରଯୁକ୍ତିବିଦ୍ୟାରେ ଭାରତର ନେତୃତ୍ୱ ଉପରେ ଆଲୋକପାତ କରି ମନ୍ତ୍ରୀ କହିଛନ୍ତି, କୃତ୍ରିମ ବୁଦ୍ଧିମତ୍ତା, ମେସିନ୍ ଲର୍ଣ୍ଣିଙ୍ଗ୍, କ୍ୱାଣ୍ଟମ୍ କମ୍ପ୍ୟୁଟିଙ୍ଗ୍, ସ୍ୱଦେଶୀ ବୃହତ୍ ଭାଷା ମଡେଲ୍‌ରେ ଉନ୍ନତି ଭବିଷ୍ୟତର ଅଭିବୃଦ୍ଧିକୁ ଆଗେଇ ନେବ ଏବଂ ଯୁବପିଢ଼ିଙ୍କ ପାଇଁ ସୁଯୋଗ ସୃଷ୍ଟି କରିବ । ଭାରତର ମୁକ୍ତ ବାଣିଜ୍ୟ ରାଜିନାମାର ବିସ୍ତାରିତ ନେଟ୍‌ୱାର୍କ ଅନ୍ତର୍ଗତ ୯ଟି ଚୁକ୍ତିନାମା ସମ୍ପନ୍ନ ହୋଇଛି, ଯାହା ବିଶ୍ୱ ଜି.ଡି.ପି.ର ପ୍ରାୟ ୭୦ ପ୍ରତିଶତ । ସେଗୁଡ଼ିକ ମଧ୍ୟରେ ଆମେରିକା ସହିତ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମାର ପ୍ରଥମ ପର୍ଯ୍ୟାୟ ଅନ୍ତର୍ଭୁକ୍ତ । ଶ୍ରୀ ଗୋୟଲ କହିଛନ୍ତି, ଭାରତ’ ଫେବୃୟାରୀ ପ୍ରଥମାର୍ଦ୍ଧରେ’ ଦୁଇ ଅଙ୍କବିଶିଷ୍ଟ ସାମଗ୍ରୀ ରପ୍ତାନୀ ଅଭିବୃଦ୍ଧି’ ହାସଲ କରିଛି, ଯାହା ବିଶ୍ୱର ଦୃଢ଼ ଚାହିଦା ଏବଂ ଶିଳ୍ପ କ୍ଷେତ୍ରରେ ବିଶ୍ୱାସକୁ ପ୍ରତିଫଳିତ କରେ ।

# ଏସ୍.ସି. - ଡବ୍ଲ୍ୟୁ.ବି. ଏସ୍.ଆଇ.ଆର୍.

ପଶ୍ଚିମବଙ୍ଗରେ ଭୋଟର୍ ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ - SIRରେ ନିର୍ବାଚନ ଆୟୋଗଙ୍କୁ ସହାୟତା କରିବାପାଇଁ ସୁପ୍ରିମ୍‌କୋର୍ଟ ଆଜି କାର୍ଯ୍ୟରତ ଏବଂ ପୂର୍ବତନ ଜିଲ୍ଲା ବିଚାରପତିମାନଙ୍କୁ ନିୟୋଜିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟ କାନ୍ତ, ଜଷ୍ଟିସ୍ ଜୟମାଲ୍ୟା ବାଗ୍‌ଚୀ ଓ ଜଷ୍ଟିସ୍ ବିପୁଲ୍ ଏନ୍. ପାଞ୍ଚୋଲିଙ୍କ ଖଣ୍ଡପୀଠ ରାଜ୍ୟରେ SIR ପ୍ରକ୍ରିୟା ସମାପ୍ତ କରିବାପାଇଁ ଅନେକ ନୂତନ ନିର୍ଦ୍ଦେଶ ଦେଇଛନ୍ତି । ଖଣ୍ଡପୀଠ ଯୁକ୍ତିଯୁକ୍ତ ବିସଙ୍ଗତ ତାଲିକା ଅଧୀନରେ ଥିବା ବ୍ୟକ୍ତିଙ୍କ ଦାବି ଏବଂ ଆପତ୍ତିଗୁଡ଼ିକର ବିଚାରପାଇଁ ନ୍ୟାୟିକ ଅଧିକାରୀମାନଙ୍କୁ ପ୍ରତିନିଧିତ୍ୱ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ସରକାର ସଂଶୋଧନ କାର୍ଯ୍ୟପାଇଁ ପର୍ଯ୍ୟାପ୍ତ ଗ୍ରେଡ୍-ଏ’ ଅଧିକାରୀଙ୍କୁ ନ ଛାଡ଼ିବାରୁ ସୁପ୍ରିମ୍‌କୋର୍ଟ ଏହାକୁ ଗମ୍ଭୀରତାର ସହ ଗ୍ରହଣ କରି କୋଲ୍‌କାତା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ଏହି ନିର୍ଦ୍ଦେଶ ଦେଇଛନ୍ତି ।

# ନାଇଜେରିଆ ଆଟାକ୍

ନାଇଜେରିଆର ଉତ୍ତର-ପଶ୍ଚିମ ଭାଗରେ ଅବସ୍ଥିତ ଏକ ଜିଲ୍ଲାରେ ସଶସ୍ତ୍ର ଆତଙ୍କବାଦୀ ଗୋଷ୍ଠୀଦ୍ୱାରା ସମନ୍ୱିତ ଆକ୍ରମଣରେ ୩୩ ଜଣ ପ୍ରାଣ ହରାଇଛନ୍ତି । ପୁଲିସ ସୂତ୍ରରୁ ମିଳିଥିବା ଖବର ଅନୁସାରେ ବୁଧବାର ଦିନ କେବି ରାଜ୍ୟର ବିଉ ସମ୍ପ୍ରଦାୟରେ ଏହି ଆକ୍ରମଣ ଘଟିଥିଲା । ଆକ୍ରମଣକାରୀମାନେ ପଡ଼ୋଶୀ ସୋକୋଟୋ ରାଜ୍ୟରୁ ଏହି ଅଞ୍ଚଳକୁ ପ୍ରବେଶ କରିଥିଲେ । ଆତଙ୍କବାଦୀମାନେ ଗୋରୁଚାଲାଣ ପାଇଁ ସେହି ସମ୍ପ୍ରଦାୟରେ ପ୍ରବେଶ କରିଥିଲେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ।

# କ୍ରିକେଟ୍

ଆଇ.ସି.ସି. ଟି-ଟ୍ୱେଣ୍ଟି ପୁରୁଷ ବିଶ୍ୱକପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଗ୍ରୁପ୍ ପର୍ଯ୍ୟାୟ ଅନ୍ତିମ ମ୍ୟାଚ୍ ଶ୍ରୀଲଙ୍କାର ପାଲେକେଲେ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମ୍‌ରେ ଅଷ୍ଟ୍ରେଲିଆ ଓ ଓମାନ ମଧ୍ୟରେ ଜାରି ରହିଛି । ଟସ୍ ଜିତି ଅଷ୍ଟ୍ରେଲିଆ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।

ଆଜିର ଶେଷ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ପରେ ଆସନ୍ତାକାଲି ଠାରୁ ସୁପର - ୮ ପର୍ଯ୍ୟାୟ ଆରମ୍ଭ ହେବ । ଏହି ପର୍ଯ୍ୟାୟର ପ୍ରଥମ ଗ୍ରୁପ୍‌ରେ - ଭାରତ,

ଦକ୍ଷିଣ ଆଫ୍ରିକା, ୱେଷ୍ଟଇଣ୍ଡିଜ ଓ ଜିମ୍ବାୱେ ଥିବାବେଳେ ଦ୍ୱିତୀୟ ଗ୍ରୁପ୍‌ରେ ଶ୍ରୀଲଙ୍କା, ଇଂଲଣ୍ଡ, ନ୍ୟୁଜିଲାଣ୍ଡ ଓ ପାକିସ୍ତାନ ରହିଛି । ଆସନ୍ତାକାଲି ସଂଧ୍ୟା ୭ଟାରେ ଶ୍ରୀଲଙ୍କାର ଆର୍ ପ୍ରେମାଦାଶ ଷ୍ଟାଡିୟମରେ ପାକିସ୍ତାନ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

ଭାରତ ତା’ର ପ୍ରଥମ ସୁପର-୮ ମ୍ୟାଚ୍‌ରେ ଆସନ୍ତା ରବିବାର ଦିନ ଦକ୍ଷିଣଆଫ୍ରିକା ବିରୋଧରେ ମ୍ୟାଚ୍ ଖେଳିବ ।

*****